# India-Belarus Foreign Office Consultations

August 03, 2022

## ଭାରତ-ବେଲାରୁଷ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଅଗଷ୍ଟ 03, 2022**

ଭାରତ ଏବଂ ବେଲାରୁଷ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 03 ଅଗଷ୍ଟ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ସଚିବ (ପଶ୍ଚିମ) ଶ୍ରୀ ସଞ୍ଜୟ ବର୍ମା ନେତୃତ୍ୱ ନେଇଥିବାବେଳେ ବେଲାରୁଷ ପକ୍ଷରୁ ବେଲାରୁଷର ପ୍ରଥମ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ମାନ୍ୟବର ଶ୍ରୀ ସର୍ଗି ଆଲେନିକ ନେତୃତ୍ୱ ନେଇଥିଲେ।

ଏଫଓସି ସମୟରେ ଉଭୟ ପକ୍ଷ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ପର୍ଯ୍ୟଟନ, ଶିକ୍ଷା ଏବଂ କନସୁଲାର ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ସମୀକ୍ଷା କରିଥିଲେ। ପାରସ୍ପରିକ ଆଗ୍ରହର ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ।

ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷକୁ ପାରସ୍ପରିକ ସୁବିଧାଜନକ ସମୟରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଅଗଷ୍ଟ 03, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.